





ଅନୁଗୋଳ ଷ୍ଟାଡିୟମ୍‌ରେ ଚାଲିଥିବା ୧୩ତମ ଜିଲା ମହୋତ୍ସବ ଅବସରରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ପଡ଼ିଥିବା ବିଭିନ୍ନ ଷ୍ଟଲ। (ଫଟୋ - ବୁବୁ)

# ଅଭିନେତାଙ୍କୁ ଠକିଦେଲେ ଆୟୋଜକ



## କ୍ଷୋଭ ପ୍ରକାଶ କଲେ ୟୁଟ୍ୟୁବର

ଅନୁଗୋଳ, ୧୯।୪ (ଜ୍ୟୋତିରଞ୍ଜନ ସାହୁ)

ମୋ ଜିଲା ମହୋତ୍ସବରେ ମୋତେ ଅପମାନ କରାଗଲା। ପ୍ରୋଗ୍ରାମ ପାଇଁ ଡକାଇ ୩ ଘଣ୍ଟା ମଞ୍ଚ ତଳେ ବସାଇଲେ। ଷ୍ଟେଜ୍ ଉପରକୁ ଉଠିବାକୁ ଦିଆଗଲାନି। ଯେଉଁମାନେ ମୋତେ ନିମନ୍ତ୍ରଣ କରିଥିଲେ, ସେମାନେ ଧରାଛୁଆଁ ଦେଲେ ନାହିଁ । ମୋ ସହିତ ଯାଇଥିବା ପିଲାମାନେ ପଚାରିବାରୁ ପ୍ରୋଗ୍ରାମ ସରିଗଲା ବୋଲି ଆୟୋଜକ କହିଥିଲେ। ତେଣୁ ବାଧ ହୋଇ ମୁଁ ସେଠାରୁ ଫେରିଆସିଲି। ଯଦି ମଞ୍ଚକୁ ଚଢ଼ାଇବାର ନ ଥିଲା ତେବେ ଅଯଥାରେ ନିମନ୍ତ୍ରଣ କରି ଅପମାନିତ କରିବା ଠିକ ନୁହେଁ ବୋଲି କ୍ଷୋଭର ସହ କହିଛନ୍ତି ୟୁଟ୍ୟୁବର ଅନୁଗୁଳିଆ ବଣ୍ଟି। ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି, ୪ ଦିନ ଧରି ଚାଲିଥିବା ଉତ୍ସବରେ ଶନିବାର କମେଡ଼ି ପ୍ରଦର୍ଶନ ପାଇଁ ତାଙ୍କୁ କୁହାଯାଇଥିଲା। ସମ୍ମାନିତ କରାଯିବା ପାଇଁ ମଧ୍ୟ କୁହାଯାଇଥିଲା। ଶରୀର ଅସୁସ୍ଥ ସତ୍ତ୍ୱେ ସେ ମହୋତ୍ସବରେ ପହଞ୍ଚିଥିଲେ। ହେଲେ ମହୋତ୍ସହ କର୍ତ୍ତୃପକ୍ଷ ତାଙ୍କୁ ଅସମ୍ମାନ କରିଥିବା ସେ ଅଭିଯୋଗ କରିଛନ୍ତି।

# ବିମାନ ତ୍ରୁଟି ଯୋଗୁ ସୁନିଧି ଚୌହାନଙ୍କ କାର୍ଯ୍ୟକ୍ରମ ବାତିଲ


District Administration, Angul

ବିମାନରେ ଟେକ୍ନିକାଲ ସମସ୍ୟା ଯୋଗୁଁ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁନିଧି ଚୌହାନ ଅନୁଗୋଳ ମହୋତ୍ସବର ଆଜିର ସନ୍ଧ୍ୟାରେ ଯୋଗ ଦେଇପାରିବେ ନାହିଁ। ପୂର୍ବ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମରେ ବ୍ୟତିକ୍ରମ ପାଇଁ ଆମେ ଦୁଃଖିତ। ଏ ସମ୍ପର୍କରେ ପରବର୍ତ୍ତୀ ସୂଚନା ଆପଣମାନଙ୍କୁ ଏହି ସାମାଜିକ ଗଣମାଧ୍ୟମ ଦ୍ୱାରା ଜଣାଇଦିଆଯିବ।

## ଫେସବୁକରେ ସୂଚନା ଦେଲା ଜିଲା ପ୍ରଶାସନ

ଅନୁଗୋଳ, ୧୯।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ 'ସୁନିଧି ଚୌହାନ'ଙ୍କ କାର୍ଯ୍ୟକ୍ରମ ଥିଲା। ଦର୍ଶକଙ୍କ ସମସ୍ତ ଉତ୍କଣ୍ଠା ଉପରେ ଭଟ୍ଟା ପଡ଼ିଯାଇଥିଲା। ଅପରାହ୍ନ ୩.୪୦ ସମୟରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଫେସବୁକ'ରେ ସୁନିଧିଙ୍କ କାର୍ଯ୍ୟକ୍ରମ ବାତିଲ ହୋଇଥିବା ସୂଚନା ଦିଆଯାଇଛି। ସେ ଆସୁଥିବା ବିମାନରେ ଯାନ୍ତ୍ରିକ ତ୍ରୁଟି କାରଣରୁ କାର୍ଯ୍ୟକ୍ରମରେ ଯୋଗ ଦେଇପାରିନାହାନ୍ତି। ପରବର୍ତ୍ତୀ ସୂଚନା ସାମାଜିକ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ଜିଲା ପ୍ରଶାସନ ନିଜ ପୋଷ୍ଟରେ ଉଲ୍ଲେଖ କରିଛି।

# ଫିକା ପଡ଼ିଲା ଅନୁଗୋଳ ମହୋତ୍ସବର ତୃତୀୟ ସନ୍ଧ୍ୟା



ରବିବାର ମହୋତ୍ସବରେ ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ।

ଅନୁଗୋଳ, ୧୯।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଷ୍ଟାଡିୟମ୍‌ରେ ଚାଲିଥିବା ୧୩ତମ ଜିଲା ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ତେବେ ଏହି ତୃତୀୟ ସନ୍ଧ୍ୟା ବିଭିନ୍ନ କାରଣରୁ ଫିକା ପଡ଼ିଥିବା ଦେଖିବାକୁ ମିଳିଛି। ପୂର୍ବସୂଚୀ ମୁତାବକ ବଲିଉଡ ଗାୟିକା ସୁନିଧି ଚୌହାନ ଆସିବାର କାର୍ଯ୍ୟକ୍ରମ ଥିଲା। ଫଳରେ ଯୁବପିଢିଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଥିବା ବେଳେ ସନ୍ଧ୍ୟାରେ ଷ୍ଟାଡିୟମରେ ଲୋକଙ୍କ ଭିଡ଼ ଭରି ରହିଥିଲା। ରବିବାର ଛୁଟିଦିନ ଥିବାରୁ ଅନେକ ଲୋକ ପରିବାର ସହ ମହୋତ୍ସବର ମଜା ଉଠାଇବା ପାଇଁ ପହଞ୍ଚିଥିଲେ। ଯେହେତୁ ବଲିଉଡ ଗାୟିକାଙ୍କ କାର୍ଯ୍ୟକ୍ରମ ରହିଥିଲା ଅନ୍ୟ କୌଣସି ଡ୍ୟାନ୍ସ ଗ୍ରୁପ୍‌ର କାର୍ଯ୍ୟକ୍ରମ ରଖାଯାଇ ନ ଥିଲା। ତେବେ କୌଣସି କାରଣବଶତଃ ସୁନିଧିଙ୍କ କାର୍ଯ୍ୟକ୍ରମ ବାତିଲ ହେବାରୁ ଅକଳରେ ପଡିଥିଲା ପ୍ରଶାସନ। ଅନୁଗୋଳର କେତେଜଣ ଆଞ୍ଚଳିକ କଳାକାରଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିଦିନ ହେଉଥିବା ସଭା କାର୍ଯ୍ୟ ମଧ୍ୟ ବନ୍ଦ ରହିଥିଲା। କାର୍ଯ୍ୟକ୍ରମରେ କାହିଁକି ଏପରି ବ୍ୟତିକ୍ରମ ହେଲା ସେ ନେଇ କାହା ପାଖରେ ଉତ୍ତର ନ ଥିଲା। ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକଙ୍କୁ କାର୍ଯ୍ୟକ୍ରମ ନେଇ ପଚାରିବା ବେଳେ ସେ କୌଣସି ଉତ୍ତର ରଖି ପାରି ନ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଜୟଜିତ ଧଳଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରିବା ବେଳେ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନେକ ଦର୍ଶକ ସୁନିଧିଙ୍କ ସଙ୍ଗୀତ ଶୁଣିବାକୁ ଆସିଥିବା ବେଳେ ନିରାଶ ହୋଇ ଫେରିଥିଲେ।

# ଜିଲା ମହୋତ୍ସବରେ ଅବ୍ୟବସ୍ଥା

ଅନୁଗୋଳ, ୧୯।୪ (ଜ୍ୟୋତିରଞ୍ଜନ ସାହୁ)




ଅନୁଗୋଳ ଜିଲା ମହୋତ୍ସବରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରମୁଖ ଆକର୍ଷଣ ଥିବା ବଲିଉଡ ଗାୟିକା ସୁନିଧି ଚୌହାନଙ୍କ କାର୍ଯ୍ୟକ୍ରମ ବାତିଲ ମହୋତ୍ସବ ଆୟୋଜନକୁ ନେଇ ପ୍ରଶ୍ନ ଉଠାଇଛି। ପୂର୍ବରୁ ମହୋତ୍ସବ ପାଇଁ ତାରିଖ ଘୋଷଣା କରାଯାଇଥିଲେ ମଧ୍ୟ ପରେ କୌଣସି ସ୍ପଷ୍ଟ କାରଣ ବିନା ଏହାକୁ ସ୍ଥଗିତ କରାଯାଇଥିଲା। ପରେ ଏପ୍ରିଲ ମାସରେ ପୁନଃ ଆୟୋଜନ ପାଇଁ ପ୍ରସ୍ତୁତି କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ୧୯ ତାରିଖରେ ସୁନିଧି ଚୌହାନ ଓ ୨୦ ତାରିଖରେ ଜୁବିନ ନୌଟିଆଲଙ୍କ ସଂଗୀତ କାର୍ଯ୍ୟକ୍ରମ ଥିବା ଥିବା କୁହାଯାଇଥିଲା। କିନ୍ତୁ ସୁନିଧି ଚୌହାନଙ୍କ କାର୍ଯ୍ୟକ୍ରମ ବାତିଲ ହୋଇଥିବା ବେଳେ ୨୦ ତାରିଖରେ ଜୁବିନ୍ ନୌଟିଆଲ ନିଜ ସୋସିଆଲ ମିଡିଆରେ ଓଡ଼ିଶାରେ କୌଣସି କାର୍ଯ୍ୟକ୍ରମ ନ ଥିବା ପୋଷ୍ଟ କରିଛନ୍ତି। ଫଳରେ ସୁନିଧିଙ୍କ ସଂଗୀତ ଶୁଣିବାକୁ ଆସିଥିବା ବିଭନ୍ନ ଅଞ୍ଚଳର ଶତାଧିକ ଦର୍ଶକ ନିରାଶ ହୋଇ ଫେରିଯାଇଛନ୍ତି। ଅପରପକ୍ଷରେ ସୁନିଧି ଚୌହାନ ଆସୁଥିବା ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାଙ୍କର କାର୍ଯ୍ୟକ୍ରମ ବାତିଲ ହେଲା ଜିଲା ପ୍ରଶାସନ ପକ୍ଷରୁ ଫେସବୁକ୍‌ରେ ପୋଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଗାୟିକାଙ୍କ ସହ ଠିକ ଚୁକ୍ତି ଓ ସମନ୍ୱୟ ହୋଇ ନ ଥିଲା। ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଓ ପ୍ରଶାସନ ମଧ୍ୟରେ ଯଥେଷ୍ଟ ଯୋଗାଯୋଗ ନ ହେବାରୁ ଶେଷ ମୁହୂର୍ତ୍ତରେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିବା ଆଲୋଚନା ହେଉଛି। ପ୍ରଶାସନିକ ଅଧିକାରୀମାନେ ଏ ବିଷୟରେ ସ୍ପଷ୍ଟ ମତ ଦେବାକୁ ଏଡ଼ାଇ ଆସୁଛନ୍ତି।

# ରେଙ୍ଗାଳି ଡ୍ୟାମ୍‌ରେ ଦୁଃସାହସିକ ରିଲ୍ସ



## ୫୦ ଫୁଟ୍ ଉଚ୍ଚରୁ ପାଣିକୁ ଡେଉଁଛନ୍ତି ନାବାଳକ

କଣିହାଁ, ୧୯।୪ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମରେ ଜୀବନକୁ ବାଜି ଲଗାଇ କେତେଜଣ ଯୁବକ ଓ ନାବାଳକ ପ୍ରାୟ ୫୦ ଫୁଟ୍ ଉଚ୍ଚରୁ ପାଣିକୁ ଡେଇଁ ଭିଡିଓ (ରିଲ୍ସ) ତିଆରି କରୁଥିବା ଘଟଣା ସାମ୍ନାକୁ ଆସିଛି। ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖାଯାଉଛି, କେତେଜଣ ନାବାଳକ ଡ୍ୟାମ୍‌ର ଉଚ୍ଚ ପ୍ରାଚୀର ଉପରୁ ଜଳାଶୟ ମଧ୍ୟକୁ ଡେଉଁଛନ୍ତି। ଡ୍ୟାମ ଅଞ୍ଚଳରେ ସାଧାରଣ ଲୋକଙ୍କ ଯାତାୟାତ ଉପରେ ପ୍ରତିବନ୍ଧକ ଥିବା ସତ୍ତ୍ୱେ କିପରି ଏହି ଯୁବକ ଓ ନାବାଳକମାନେ ସେଠାରେ ପହଞ୍ଚି ଏପରି ଜୀବନ ସହ ଖେଳୁଛନ୍ତି, ତାହା ନେଇ ବନ୍ଧ ବିଭାଗର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ବାଚୀ ସୃଷ୍ଟିହେଇଛି। ଏନେଇ ରେଙ୍ଗାଳି ଡ୍ୟାମ କର୍ତ୍ତୃପକ୍ଷଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ସିଏମ୍ ଟ୍ରଫି ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ




## ଫାଇନାଲରେ ଜୟମଲ୍ଲକୁ ହରାଇ ପାଲଲହଡ଼ା ଚାମ୍ପିୟନ

ଅନୁଗୋଳ, ୧୯।୪ (ଦିବ୍ୟଶାନ୍ତନୁ ନାଥ)

ପିଟିସି ପଡ଼ିଆରେ ଚାଲିଥିବା ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ପାଲଲହଡ଼ା ୨-୧ ଗୋଲରେ ଜୟମଲ୍ଲକୁ ପରାସ୍ତ କରି ରାଜ୍ୟସ୍ତରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡ଼ା ସଂସଦ ସମ୍ପାଦକ ଗୌରଗୋବିନ୍ଦ ସାମନ୍ତଙ୍କ ସମେତ ରମେଶ ସାହୁ, ରୁଚିର ଦାସ, ବସନ୍ତ ଦାସ, ଦୋଳଗୋବିନ୍ଦ ଦଳାଇ, ପ୍ରଭାସ ଦାସ, ନନ୍ଦକିଶୋର ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ କମିଶନର ରୂପେ ଦିଲୀପ ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଆଲୋକ ଦେହୁରୀ ଖେଳ ପରିଚାଳନା କରିଥିବା ବେଳେ ଧନେଶ୍ୱର ସର୍ଦ୍ଦାର, ସୁଶୀଲ ବେହେରା ଏବଂ ପାପୁନ ବେହେରା ସହଯୋଗ କରିଥିଲେ। ବିଜୟୀ ଓ ରନର୍ ଅପ୍ ଦଳକୁ ଜିଲା ମହୋତ୍ସବ ମଞ୍ଚରେ ପୁରସ୍କୃତ କରାଯାଇଥିଲା।

# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ସକ୍ଷମ କର୍ମଶାଳା

ଛେଣ୍ଡିପଦା, ୧୯।୪ (ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ସକ୍ଷମ କାର୍ଯ୍ୟକ୍ରମ ଫଳାଫଳ ରିପୋର୍ଟ କାର୍ଡ ବଣ୍ଟନର ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୭୮ ଜଣ ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି ସକ୍ଷମ କାର୍ଯ୍ୟକ୍ରମରେ ରିଶୋର୍ସପର୍ସନ ଭାବେ ରଞ୍ଜିତ ସ୍ୱାଇଁ, ଦୀପକ କୁମାର ସାହୁ, ଆଦିକନ୍ଦ ସାହୁ ଓ ଆର୍ତ୍ତତ୍ରାଣ ସାୟ ପ୍ରମୁଖ ଉପସ୍ଥିତ ରହି କାର୍ଡ ବଣ୍ଟନ ସହ ଏହାର କାର୍ଯ୍ୟକାରିତା ଆଦି ଉପରେ ଅବଗତ କରାଇଥିଲେ। ଉକ୍ତ ରିପୋର୍ଟ କାର୍ଡ ଦ୍ୱାରା କିପରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅଭିବୃଦ୍ଧି ସ୍ତର ଉପରେ ଅବଗତ ହୋଇପାରିବେ, ସେନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବ୍ଲକ୍‌ର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ଦେହୁରୀ ଓ ହାଡିବନ୍ଧୁ ସାୟଙ୍କ ପରିଚାଳନାରେ ବ୍ଲକର ସମସ୍ତ ସିଆର୍‌ସିସି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।




# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଛେଣ୍ଡିପଦା, ୧୯।୪ (ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁରେ ଭାଲୁ ଆକ୍ରମଣରେ ମାରୁଡିପ ଗାଁର ବାରୁ ପୁଢ଼ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମାରୁଡ଼ିପ ଗାଁର ବାରୁ ରବିବାର ମଧ୍ୟାହ୍ନରେ ଗାଁ ନିକଟରେ ଯାଇଥିବା ନୁହୁରାଣୀ ନାଳକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଏକ ଭାଲୁ ସହ ମୁହାଁମୁହିଁ ହୋଇଥିଲେ । ଫଳରେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହେବା ସହ କୌଶଳକ୍ରମେ ଖସି ଗାଁକୁ ପଳାଇ ଆସିଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି ।

# ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଭୟଭୀତ ଗ୍ରାମବାସୀ



ସନ୍ତ୍ରୀଛକ, ୧୯।୪ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ଫୁଲପଡା ପଞ୍ଚାୟତ ଗୋପୀଗୋଠ ସାହିରେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଦେଖିବାକୁ ମିଳିଛି। ଗାଁରେ ଲୋ ଭୋଲ୍ଟେଜ ଯୋଗୁ ବଲ୍‌ଟିଏ ଜଳୁ ନଥିବାବେଳେ ଫ୍ୟାନ, କୁଲର, ଏସି ଚାଲୁ ନଥିବା ଫୁଲପଡ଼ା ଗ୍ରାମର ଭ୍ରମର ବେହେରା, କମଳ ବେହେରା, ପିଙ୍କୁ ନାଥ, ସୌଭାଗ୍ୟ ବେହେରା ସହ ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋପୀଗୋଠ ସାହିରେ ଟ୍ରାନ୍ସଫରମରଟି ଖୋଲାମେଲାରେ ବିଦ୍ୟୁତ୍ ବିଭାଗ ବସାଇ ଥିବାରୁ ପାଖରେ ଥିବା ଅଙ୍ଗନୱାଡ଼ି ସେଣ୍ଟର ଓ ଖେଳ ପଡ଼ିଆରେ ପିଲାମାନେ କେତେବେଳେ ଏହି ଖୋଲା ଟ୍ରାନ୍ସଫରମର ଭିତରକୁ ପଶି ମୃତ୍ୟୁ ମୁଖରେ ପଡ଼ିପାରନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟିପିସିଓଡିଏଲ୍‌ର ଜେଇଇ ଦୀପକ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଯେଉଁ ଜାଗାରେ ନିହାତି ଆବଶ୍ୟକ ସେହି ଟ୍ରାନ୍ସଫର ଚାରି ପାଖରେ ପାଚେରି କରାଯିବ।

# ନିର୍ମାଣ ହେଉନି ସରକାରୀ କାର୍ଯ୍ୟାଳୟ, ବଢୁଛି ଅସନ୍ତୋଷ

ବଇଣ୍ଡା, ୧୯।୪ (ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ଜାମୁନାଳିଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତାକଡ଼ରୁ ଭଙ୍ଗାଯାଇଥିବା ସମସ୍ତ ଯାତ୍ରୀ ବିଶ୍ରାମାଗାରଗୁଡ଼ିକ ସହ ସରକାରୀ କାର୍ଯ୍ୟାଳୟଗୁଡିକ ଭଙ୍ଗାଯିବାର ୮ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ ହେଉନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ସେଗୁଡିକୁ ନୂତନ ଭାବେ କରିବାକୁ ପ୍ରଶାସନିକ ଅଧିକାରୀ ଅମଙ୍ଗ ହେଉଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ୫୫ ନମ୍ବର ଜାତୀୟ ରାଜପଥରେ ୪ ଲେନ୍ ରାସ୍ତା ନିର୍ମାଣ ପାଇଁ ୨୦୧୮ ମେ ୧୭ରୁ ବଇଣ୍ଡାଠାରେ ସମସ୍ତ କ୍ଷତିପୂରଣ ପଇଠ କରାଯାଇ ନ ଥିବାବେଳେ ତରବରିଆ ଭାବେ ପ୍ରଶାସନ ଉଚ୍ଛେଦ ଆରମ୍ଭ କରିଥିଲା। ବଇଣ୍ଡାରେ ଥିବା ପ୍ରାଣୀଧନ ଚିକିତ୍ସାଳୟ, ପୂର୍ତ୍ତ ବିଭାଗ ବଙ୍ଗଳା, ନୁନୁକାପଶି ପଞ୍ଚାୟତ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ବଇଣ୍ଡା ଫାଣ୍ଡି, ବଇଣ୍ଡାରେ ଥିବା ବିଭିନ୍ନ ଯାତ୍ରୀ ବିଶ୍ରାମାଗାର ଗୁଡ଼ିକ ଯଥା, ବଇଣ୍ଡା କଲେଜ, ଲୁହାମୁଣ୍ଡା, ଡେବେରାପାଲି, ହଣ୍ଡପା, ବଇସିଣା, ବଇସିଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ, ପାଗବନ୍ଧା ପ୍ରାଥମିକ ବିଦ୍ୟାଳୟର ପାଚେରି, ନାକିଚି ବିଶ୍ରାମାଗାର, ଫୁଲାମ୍ଭା ବିଶ୍ରାମାଗାର, ସରିଗିପାଲି ବିଶ୍ରାମାଗାର, ଜାମୁନାଳ ବିଶ୍ରାମାଗାର ଆଦିକୁ ଭାଙ୍ଗି ଦିଆଯାଇଥିଲା। ହେଲେ ଭଙ୍ଗାଯିବାର ଦୀର୍ଘ ୮ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣରେ ବିଳମ୍ବ ହେଉଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି । ବଇଣ୍ଡାଠାରେ ପ୍ରାଣୀଧନ ଚିକିତ୍ସାଳୟ ନିର୍ମାଣ ହେଉ ନ ଥିବା ଯୋଗୁ ୪ଟି ପଞ୍ଚାୟତର ଲୋକେ ଗୃହପାଳିତ ପ୍ରାଣୀର ଚିକିତ୍ସା ପାଇଁ ୭ କି.ମି. ହଣ୍ଡପା ପ୍ରାଣୀ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ସେହିପରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହେବା ସହ ଜମି ଚିହ୍ନଟ ହୋଇଥିଲେ ହେଁ ନିର୍ମାଣରେ ବିଳମ୍ବ ହେଉଛି। ଫଳରେ ବଇଣ୍ଡା ବଙ୍ଗଳା ଉପରେ ନିର୍ଭର କରୁଥିବା ଭିଆଇପି ଓ ରାଜନେତା ହଇରାଣ ହେବା ସହ ୧୭ କି.ମି. ଦୂରରେ ଥିବା ନାକିଚି ବଙ୍ଗଳା ଉପରେ ନିର୍ଭର କରୁଛନ୍ତି। ଏଣୁ ବଇଣ୍ଡାର ବିକାଶରେ ବାଧା ସୃଷ୍ଟି ହେଉଛି। ନୂତନ ଭାବେ ବଇଣ୍ଡା ଫାଣ୍ଡି ନିର୍ମାଣ ଲାଗି ଫାଣ୍ଡି ପଛରେ ଥିବା ଜମିକୁ ଚିହ୍ନଟ ପାଇଁ ବଇଣ୍ଡା ଗ୍ରାମବାସୀ ଜିଲା ପ୍ରଶାସନଠାରେ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ବଇଣ୍ଡାରେ ଥିବା ବହୁ ସରକାରୀ ଜମିଗୁଡ଼ିକ ଅନେକ ପ୍ରଭାବଶାଳୀ ଲୋକଙ୍କ ଦଖଲରେ ଥିବା ଯୋଗୁ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବାରେ ଜମିକୁ ନେଇ ସମସ୍ୟା ଦେଖାଯାଉଥିବା ଜଣାପଡ଼ିଛି। ଯାତ୍ରୀ ବିଶ୍ରାମାଗାରଗୁଡିକୁ ଠିକାସଂସ୍ଥା ପକ୍ଷରୁ ଲୁହା ପାଇପି ଦ୍ୱାରା ନିର୍ମାଣ କରାଯାଇଥିଲେ ହେଁ ଆଜବେଷ୍ଟସ୍ ପକାଯାଇନଥିବା ଯୋଗୁ ଯାତ୍ରୀମାନେ ଖରା ଆଉ ବର୍ଷାରେ ରାସ୍ତାରେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି । ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବହୁ ଲକ୍ଷ ଟଙ୍କା ଆସିଥିବାବେଳେ ସେହି ଟଙ୍କା ବ୍ଲକ ଓ ଜିଲା କାର୍ଯ୍ୟାଳୟରେ ପଡ଼ିରହିଛି। ତେଣୁ ନୂତନ ଯାତ୍ରୀ ବିଶ୍ରାମଗାର ନିର୍ମାଣରେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

